# ଗ୍ୟାଲସୁଏନ୍ ଜେଟସୁନ୍ ପେମା ୱାଙ୍ଗଚକ୍ ମାତୃ ଏବଂ ଶିଶୁ ଡାକ୍ତରଖାନାର ଉଦଘାଟନ

ମାର୍ଚ୍ଚ 23, 2024

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଭୁଟାନର ପ୍ରଧାନମନ୍ତ୍ରୀ ମହାମହିମ ସେରିଙ୍ଗ ତୋବଗେ ଥିମ୍ପୁଠାରେ ଭାରତ ସରକାରଙ୍କ ସହାୟତାରେ ନିର୍ମିତ ଏକ ଅତ୍ୟାଧୁନିକ ଡାକ୍ତରଖାନା ଗ୍ୟାଲସୁଏନ୍ ଜେଟସୁନ୍ ପେମା ୱାଙ୍ଗଚୁକ୍ ମାତୃ ଏବଂ ଶିଶୁ ଡାକ୍ତରଖାନାକୁ ଉଦଘାଟନ କରିଥିଲେ ।

2. ଭାରତ ସରକାର ଦୁଇଟି ପର୍ଯ୍ୟାୟରେ 150 ଶଯ୍ୟା ବିଶିଷ୍ଟ ଗ୍ୟାଲସୁଏନ୍ ଜେଟସୁନ୍ ପେମା ୱାଙ୍ଗଚୁକ୍ ମାତୃ ଏବଂ ଶିଶୁ ଡାକ୍ତରଖାନାର ବିକାଶକୁ ସମର୍ଥନ କରିଛନ୍ତି । 22 କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଡାକ୍ତରଖାନାର ପ୍ରଥମ ପର୍ଯ୍ୟାୟ 2019ରୁ କାର୍ଯ୍ୟକ୍ଷମ ହୋଇଥିଲା । ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ 119 କୋଟି ଟଙ୍କା ବ୍ୟୟରେ 2019ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ଏହା ଶେଷ ହୋଇଛି ।

3. ନବନିର୍ମିତ ଏହି ହସ୍ପିଟାଲ ଭୁଟାନରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବାର ଗୁଣବତ୍ତା ବୃଦ୍ଧି କରିବ । ଏହି ନୂତନ କେନ୍ଦ୍ରରେ ଶିଶୁ ରୋଗ, ସ୍ତ୍ରୀ ରୋଗ ଓ ପ୍ରସୂତି ରୋଗ, ଆନେସ୍ଥେସିଓଲୋଜି, ଅପରେସନ ଥିଏଟର, ନିଓନେଟାଲ ଇଣ୍ଟେନ୍ସିଭ୍ କେୟାର ଏବଂ ପେଡିଆଟ୍ରିକ୍ ଇଣ୍ଟେନ୍ସିଭ୍ କେୟାର ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ ।

4. ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତ-ଭୁଟାନ ଭାଗିଦାରୀର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଭା ହୋଇଛି ଗ୍ୟାଲସୁଏନ୍ ଜେଟସୁନ୍ ପେମା ୱାଙ୍ଗଚୁକ୍ ମାତୃ ଏବଂ ଶିଶୁ ଡାକ୍ତରଖାନା ।

ଥିମ୍ପୁ
ମାର୍ଚ୍ଚ 23, 2024